# ଭାରତୀୟ ଜନତା ପାର୍ଟି, ଓଡିଶା

ଶାସକ ବିଜେଡି ଆଇନଜୀବୀ ମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରି ହୀନ ରାଜନୀତି କରିବା ପ୍ରସଙ୍ଗରେ

# ଆନ୍ଦୋଳନର ସମାଧାନ କରିବାରେ ବିଫଳ ହେବା ପରେ ହିଂସାକୁ ଆଦରିଲା ବିଜେଡି : ବିଜେପି

- ମୁଖ୍ୟମନ୍ତ୍ରୀ ଆଇନକୁ ସମ୍ମାନ ନଦେଇ ଓକିଲ ମାନଙ୍କ ସଙ୍ଗଠନ ମଧ୍ୟରେ ଫାଟ ସୃଷ୍ଟି କରି ହୀନ ରାଜନୀତି କରୁଛନ୍ତି
- ଅଦାଲତ ପରିସରରେ ଭୁଜାଲି ବୁଲାଇଥିବା ବ୍ୟକ୍ତି କେଉଁ ଦଳର ?
- ଯୁବ ବାହନୀ ନାଁରେ ଗୁଣ୍ଡା ବାହିନୀ ପ୍ରସ୍ତୁତ ହୋଇଛି
- ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମସ୍ୟା ପ୍ରତି ବେଖାତିର ମନୋଭାବ ଦେଖାଇ ଚାଲିଛନ୍ତି
- ରାଜ୍ୟ ସରକାର ତୁରନ୍ତ ଏହି ଆନ୍ଦୋଳନର ଏକ ସ୍ଥାୟୀ ସମାଧାନ ଆପାଣାନ୍ତୁ

**ଭୁବନେଶ୍ୱର,ତା.୨୯/୧୦ :** ଦୀର୍ଘ ୨ ମାସ ଧରି ଆଇନଜୀବୀମାନେ ହାଇକୋର୍ଟ ସମେତ ବିଭିନ୍ନ ବାର ଆସୋସିଏସନ ବନ୍ଦ ଡାକରା ଦେବା ପରେ ରାଜ୍ୟସରକାର ଏହାର ସମାଧାନ ବାହାର ନକରି ଏବେ ଆଇନଜୀବୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ଆରମ୍ଭ କରିଛନ୍ତି । ଗତ ଶନିବାର ଦିନ ଏହି ବନ୍ଦ ଆନ୍ଦୋଳନରୁ ବିଜେଡି ଆଇନ ସାମ୍ମୁଖ୍ୟର ଓକିଲମାନେ ଓହରିବା ଏବଂ ଆଜି ଜବରଦସ୍ତି କୋର୍ଟ ମଧ୍ୟରେ ପ୍ରବେଶ କରିବା ପରେ ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବା ପଛରେ ରାଜ୍ୟ ସରକାର ହିଁ ସଂପୂର୍ଣ୍ଣ ରୂପେ ଦାୟୀ । ଆଇନଜୀବୀମାନଙ୍କ ଆନ୍ଦୋଳନର ସମାଧାନ କରିବାରେ ବିଫଳ ହେବା ପରେ ବିଜେଡି ହିଂସା ପରାୟଣ ହୋଇଛି ବୋଲି ରାଜ୍ୟ ବିଜେପି ଉପସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରତି କଥାରେ 'ଆଇନ ତା ବାଟରେ ଯିବ' ବୋଲି କହୁଥିବା ସମୟରେ ଆଇନକୁ ସମ୍ମାନ ନଦେଇ ଓକିଲ ମାନଙ୍କ ସଙ୍ଗଠନ ମଧ୍ୟରେ ଫାଟ ସୃଷ୍ଟି କରି ହୀନ ରାଜନୀତି କରିଚାଲିଛନ୍ତି । ଦୀର୍ଘ ଦିନ ଧରି କୋର୍ଟ ବନ୍ଦ ପଡିଥିବା ସମୟରେ ରାଜ୍ୟ ସରକାର ସମାଧାନର ବାଟ ନବାହାର କରି ନୀରବଦ୍ରଷ୍ଟା ସାଜିଛନ୍ତି । ଅନ୍ୟପଟେ ରାଜ୍ୟର ବିଭିନ୍ନ ଜେଲ୍‌ରେ ହଜାର ହଜାର କଏଦୀଙ୍କ ଜାମିନ ଶୁଣାଣି ହୋଇ ପାରୁନଥିବାରୁ ଜେଲ୍ ମଧ୍ୟରେ ବିଭିନ୍ନ ସମସ୍ୟା ଉପୁଜୁଛି । ମୁଖ୍ୟମନ୍ତ୍ରୀ ଏଭଳି ଘଟଣାର ସ୍ଥାୟୀ ସମାଧାନ ନକରି ନିଜ ଦଳୀୟ ଆଇନଜୀବୀ ସାମ୍ମୁଖ୍ୟକୁ ନେଇ ରାଜନୀତି କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ସେହିପରି ଆଜି ହାଇକୋର୍ଟ ଆଗରେ ବିଜୁ ଯୁବ ବାହିନୀର ଗୁଣ୍ଡାମାନଙ୍କୁ ମାରଣାସ୍ତ୍ର ପଠାଇ ଅନ୍ୟ ଆଇନଜୀବୀ ମାନଙ୍କୁ ଆକ୍ରମଣ କରିବା, ମହିଳା ଓକିଲମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଏବଂ ବିଜେଡି ଆଇନ ସାମ୍ମୁଖ୍ୟର ଓକିଲମାନେ ଧସ୍ତାଧସ୍ତି କରିବା ଘଟଣା ସର୍ବସମ୍ମୁଖକୁ ଆସିଛି । ଏହି ଘଟଣାରୁ ମୁଖ୍ୟମନ୍ତ୍ରୀ କିପରି ଆଇନଜୀବୀ ମାନଙ୍କୁ ସମ୍ମାନ ଦିଅନ୍ତି ତାହା ସ୍ପଷ୍ଟ ହୋଇଛି । ଆଜି ଅଦାଲତ ପରିସରରେ ଭୁଜାଲି ବୁଲାଇଥିବା ବ୍ୟକ୍ତି କେଉଁ ଦଳର ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ଯୁବ ବାହନୀ ନାଁରେ ଗୁଣ୍ଡା ବାହିନୀ ପ୍ରସ୍ତୁତ ହୋଇଛି । ଓକିଲମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବା ଗୁଣ୍ଡା ପଠାଇ ଆକ୍ରମଣ ଭଳି ଘଟଣା ଭିଆଇ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ'ଣ ସନ୍ଦେଶ ଦେବାକୁ ଚାହୁଁଛନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ବିଜେଡି ସରକାର ହେଉଛି ଆଇନ ବିରୋଧୀ ସରକାର । ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମସ୍ୟା ପ୍ରତି ବେଖାତିର ମନୋଭାବ ଦେଖାଇ ଚାଲିଛନ୍ତି । ଯଦି ରାଜ୍ୟସରକାର ଆଇନଜୀବୀ ମାନଙ୍କ ମଧ୍ୟରେ ଏକତା ବଜାୟ ରଖିବାକୁ ଚାହୁଁଛନ୍ତି କେବେ ତୁରନ୍ତ ଏହି ଆନ୍ଦୋଳନର ଏକ ସ୍ଥାୟୀ ସମାଧାନ ଆପାଣାନ୍ତୁ ବୋଲି ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**